# ଅଭିନନ୍ଦନିକା








## ଅଧ୍ୟାତ୍ମ ପୁରୁଷ
## ପ୍ରଫେସର କେଶବ ଚନ୍ଦ୍ର ଦାଶଙ୍କର




## ସାଫଲ୍ୟ ସ୍ମରଣରେ ... ...




ସଂପାଦକ

ଡ. ଅଶ୍ୱିନୀ ମହାନ୍ତି

ସହ-ସଂପାଦିକା

ଡ. ମନୋରମା ଦାଶ



# ଗରିବ ଗୌରବର ଗୁରୁଙ୍କ ପାଖରେ ବିତିଯାଇଥିବା ଦିନ ସବୁ

ଦାରିଦ୍ର୍ୟ ବିଧ୍ୱସ୍ତ ଜୀର୍ଣ୍ଣପଲ୍ଲୀ କୁଟୀରର ଘୋର ଅନ୍ଧକାର ମଧ୍ୟରେ ଉଦର ଜ୍ୱାଳାକୁ ମେଣ୍ଟାଇବା ନିମନ୍ତେ ଯେଉଁ ବାପାଛେଉଣ୍ଡ ଅନାଥଶିଶୁ ନିଜକୁ ଓ ନିଜ ପରିବାରକୁ ବଞ୍ଚାଇ ରଖିବା ନିମନ୍ତେ ଦରିଦ୍ରତା ବିରୁଦ୍ଧରେ ଭୟାବହ ସଂଗ୍ରାମ ଅବ୍ୟାହତ ରଖି ନିଜର ନିଷ୍ଠା ଓ ସାଧନା ବଳରେ ଅମର ଲେଖନୀ ଚଳାଇ ସମଗ୍ର ବିଶ୍ୱରେ ଜଣେ ପ୍ରାତଃ ସ୍ମରଣୀୟ ଦୀପ୍ତିମନ୍ତ ନକ୍ଷତ୍ର ଭାବେ ନିଜକୁ ସୁପ୍ରତିଷ୍ଠିତ କରି ନିଜର ନାମକୁ ବିଶ୍ୱ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବାରେ ସମର୍ଥ ହୋଇପାରିବ, ଏ କଥା କେହି କେବେ ହେଲେ କଳ୍ପନାରେ ମଧ୍ୟ ବିଶ୍ୱାସ କରିପାରି ନଥିବେ । ସେହି ବିଶ୍ୱ ବିରଳ ଅନନ୍ତ ପ୍ରତିଭାର ଅଧିକାରୀ ଯୁଗଜନ୍ମା, ଅଧ୍ୟାତ୍ମନିଷ୍ଠ, ଅକଳ୍ପନୀୟ, ଆଧୁନିକ ସଂସ୍କୃତ, ଗଦ୍ୟ, କବିତା, ପ୍ରବନ୍ଧ, ନାଟକ, ଗଳ୍ପ ଓ ଉପନ୍ୟାସ ଇତ୍ୟାଦିର ସ୍ରଷ୍ଟା ହେଉଛନ୍ତି ବିଦ୍ୱନ୍ମଣି ପ୍ରଫେସର ଡ଼. କେଶବ ଚନ୍ଦ୍ର ଦାଶ । ସେହିଭଳି ଜଣେ ବିଶ୍ୱବିରଳ ମହାପୁରୁଷଙ୍କ ସଂସ୍ପର୍ଶରେ ଏମ୍.ଏ.ଏମ୍. ଫିଲ ଓ ପି.ଏଚ୍.ଡ଼ି କରିବାର ସୌଭାଗ୍ୟ ଅର୍ଜ୍ଜନ କରି ନିଜକୁ ମୁଁ ଧନ୍ୟମନେ କରେ । ସଂସ୍କୃତ ଗଦ୍ୟ, ପଦ୍ୟ, ଗଳ୍ପ, ନାଟକ ଇତ୍ୟାଦିର ମୌଳିକ ସ୍ରଷ୍ଟା ଭାବେ ସମସ୍ତ ସଂସ୍କୃତଜ୍ଞ ବ୍ୟକ୍ତିଙ୍କ ପାଇଁ ସିଏ ହେଉଛନ୍ତି ପ୍ରେରଣାର ଉତ୍ସ । ସଂସ୍କୃତ କବିତା ରଚନା କରି ବିଦେଶରୁ ପୁରସ୍କୃତ ହୋଇଥିବା ଉତ୍କଳର ଏକମାତ୍ର ଉଜ୍ଜ୍ୱଳ ଜ୍ୟୋତିଷ୍କ ୧୯୯୪ ମସିହାରୁ ୨୦୦୨ ପର୍ଯ୍ୟନ୍ତ ପୁରୀ ଧାମରେ ଯାହାଙ୍କ ଗୃହରେ ରହି ବିଦ୍ୟାର୍ଜ୍ଜନର ସୁଯୋଗ ପ୍ରାପ୍ତ ହୋଇ ନିଜକୁ ମୁଁ କୃତାର୍ଥ ମନେ କରେ । ଅତ୍ୟନ୍ତ ଛାତ୍ର ବତ୍ସଳ ଓ ଆଧ୍ୟାତ୍ମିକ ଚିନ୍ତା ଚେତନା ସମ୍ପନ୍ନ ଜଣେ ମହାମାନବ । ଯାହାଙ୍କ ଅପାର କରୁଣାରୁ ମୋ ଭଳି ଜଣେ ଗରିବ ଛାତ୍ର ଆସୋସିଏଟ୍ ପ୍ରଫେସର ହେବାର ସୌଭାଗ୍ୟ ଟିକକ ଅର୍ଜ୍ଜନ କରିବାର ସକ୍ଷମ ହୋଇ ପାରିଛି । ମୋ ସହିତ ସେହିଭଳି ଜଣେ ଦୂରଦ୍ରଷ୍ଟା ସମ୍ପନ୍ନ ସଦ୍‌ଗୁରୁ ନଥିଲେ ମୁଁ ହୁଏତ ବର୍ତ୍ତମାନ ଓଡ଼ିଶାର ସଂସ୍କୃତ ଟୋଲ୍‌ରେ ଚାକିରୀ କରୁଥାନ୍ତି ।

ସେହିଭଳି ଜଣେ ଯୁଗଜନ୍ମା ସଦ୍‌ଗୁରୁଙ୍କ ଚରଣାଶ୍ରିତ ହୋଇ ସମଗ୍ର ବିଶ୍ୱ ବିଦ୍ୟାଳୟରେ ଏମ୍.ଏ ଓ ଏମ୍.ଫିଲ୍ ପରୀକ୍ଷାରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇ ଶ୍ରୀଲଙ୍କା ଓ ଥାଇଲାଣ୍ଡ ଇତ୍ୟାଦି ଦେଶର ଇଣ୍ଟରନ୍ୟାସ୍‌ନାଲ୍ ସେମିନାର ରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଟିକେ ଅର୍ଜ୍ଜନ କରିପାରିଛି । ଯାହାଙ୍କ ଅନୁପ୍ରେରଣାରେ ମୁଁ ୟୁ.ଏସ୍. ଏ. ଓ ଜର୍ମାନ ଇତ୍ୟାଦି ଦେଶର ଉଜ୍ଜ୍ୱଳ ଜ୍ୟୋତିଷ୍କଙ୍କ ସହାୟତାରେ ଇଣ୍ଟନ୍ୟାସ୍‌ନାଲ ଓ୍ୱେବ୍‌ନାର କରିବାପାଇଁ ପ୍ରେରଣା ଲାଭ କରିଅଛି । ନିଜର ସ୍ୱାଭିମାନକୁ ଜଳାଞ୍ଜଳି ଦେଇ କୌଣସି ରାଜନୈତିକ ପ୍ରଭାବଶାଳୀ ନେତାଙ୍କ ଶରଣାପନ୍ନ ହୋଇ ବଡ଼ ପଦପଦବୀରେ ଅଧିଷ୍ଠିତ ହେବା ଯାହାଙ୍କ ଜାତକରେ କେବେ ଦେଖାଯାଏ ନାହିଁ ।

ଦୀର୍ଘଦିନ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ନ୍ୟାୟ ଦର୍ଶନ ବିଭାଗର ବିଭାଗୀୟ ପ୍ରଧାନ ଭାବେ ଦକ୍ଷତାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କରି କେବେ ହେଲେ କୌଣସି ସହକର୍ମୀଙ୍କୁ ଜୀବନରେ ଯିଏ ପଦେହେଲେ କଟୁବାକ୍ୟ ପ୍ରଦାନ କରିବାର ସାମାନ୍ୟତମ ପ୍ରୟାସ କରିନାହାନ୍ତି ସେହି ପୁଣ୍ୟାତ୍ମା ହେଉଛନ୍ତି ବିଦ୍ୱନମଣି ପ୍ରଫେସର ଡ଼. କେଶବଚନ୍ଦ୍ର ଦାଶ ।

ନରେନ୍ଦ୍ରନାଥ ସଂସ୍କୃତ ମହାବିଦ୍ୟାଳୟରୁ ବ୍ୟାକରଣ ସମ୍ମାନରେ ବି.ଏ ପାସ୍ କଲାପରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବ୍ୟାକରଣରେ ଏମ୍.ଏ ପଢ଼ିବା ପାଇଁ ମୁଁ ଆବେଦନ କରିଥିଲି । ଇଣ୍ଟିମେସନ୍‌ରେ ମୋର ଆଡ଼ମିସନ୍ ସିରିୟଲ ଥିଲା ନଂ-୨ । କେଶବ ସାରଙ୍କ 'ନିକଷା' ଉପନ୍ୟାସ ଟିକକ ଥିଲା +୨ର ପାଠ୍ୟ ବିଷୟ । ସେହି ଉପନ୍ୟାସର ପ୍ରଥମ ବାକ୍ୟଟିର ଅର୍ଥ ମୁଁ ସାରଙ୍କୁ ପଚାରିଥିଲି । ବାକ୍ୟଟି ଥିଲା

"ଅନୁସ୍ୱାରାୟତେ ଟିଟିଭିଃ" । ଏହି ବାକ୍ୟଟିକୁ କଲେଜରେ ସାର୍ ଯାହା
ଧରଣର ଅର୍ଥ ସାରମୋତେ ବୁଝାଇଥିଲେ । ଏହିଭଳି ପଦେ ଦୁଇପଦ କଥା ହେବାପରେ ସାର ପଚାରିଲେ ବୁଝାଇଥିଲେ । ତା'ଠାରୁ ଭିନ୍ନ
କେଉଁ ବିଭାଗରେ ପଢ଼ିବାପାଇଁ ଆବେଦନ କରିଛ ? ମୁଁ କହିଲି ବ୍ୟାକରଣରେ ସିରିୟଲ୍ ୨ରେ ମୋର
ଇଣ୍ଟିମେସନ ।

ସାର କହିଲେ ବ୍ୟାକରଣ ଶାସ୍ତ୍ରକୁ ୫ ବର୍ଷ ଅଧ୍ୟୟନ କରିଆସିଛ । ପୁଣି ଏମ୍.ଏରେ ୨ ବର୍ଷ ଶୁଆ ଭଳି
ବ୍ୟାକରଣ କାହିଁକି ପଢ଼ିବ ? ଏଥର ପ୍ରୌଢ଼ବାଦୀଶାସ୍ତ୍ର ନ୍ୟାୟଶାସ୍ତ୍ର ଟିକେ ପଢ଼ । ନ୍ୟାୟରେ ମୋର ସିରିୟଲ
ହେଲା ନଂ-୧ ନ୍ୟାୟ ବିଭାଗରେ ଆଡ଼ମିଶନ୍ ହେଲି । ସାରଙ୍କ ଘରେ ଯାଇ କଲିଂବେଲ୍ ମାରିଲି । ସାର
ଭିତରକୁ ଡ଼ାକିଲେ ତାଙ୍କ ସହିତ ୟୁନିଭରସିଟିକୁ ଚାଲି ଚାଲି ଗଲି । ତା'ପର ଦିନ ସାର୍ ପୁଣି ଡକେଇ
ପଠେଇଲେ । ପଚାରିଲେ କେଉଁଠି ରହୁଛ । ସାରଙ୍କୁ କହିଲି ପି.କେ.ଆର୍.ଟି.ଆଇ. କଲୋନୀରେ ସାଙ୍ଗମାନଙ୍କ
ସହିତ ମେସ୍‌ରେ ରହୁଛି । ହଷ୍ଟେଲ୍ ପାଇଁ ଆବେଦନ କରିଛି । ପ୍ରତ୍ୟେକ ଡ଼ିପାର୍ଟମେଣ୍ଟ୍ ପାଇଁ ୧୦ଟି ସିଟ୍‌ର
ବ୍ୟବସ୍ଥା ହଷ୍ଟେଲ୍‌ରେ ଥିଲା । ସାର କହିଲେ ତୁମେ ଆମ ଘରେ ରହି ପଢ଼ାଶୁଣା କରିବ । ସାରଙ୍କ କଥାରେ
ରାଜି ହୋଇ ତା'ଙ୍କ ଘରେ ରହି ଏମ୍.ଏ, ଏମ୍, ଫିଲ୍, ପିଏଚ୍.ଡ଼ି ସମାପ୍ତ କଲି । ମୋ ପୂର୍ବରୁ ମୋର
ବଡ଼ଭାଇମାନେ ମଧ୍ୟ ତାଙ୍କ ଘରେ ରହି ପଢ଼ାଶୁଣା କରିବାର ଜାଣିଲି । ସେମାନେ ହେଲେ ଅର୍ଜ୍ଜୁନ ବାବୁ, ଡ଼.
ଦୀପକ ମିଶ୍ର, ଡ଼. କମଳାକାନ୍ତ ମିଶ୍ର, ଡ଼. କୃଷ୍ଣପଦ ଦାସ ଅଧିକାରୀ, ଏମ୍.ଏ ପାସ କଲାପରେ ଚାକିରୀ
କରିବା ପାଇଁ ଗୋଟିଏ ଟୋଲ୍‌ରୁ ସୁଯୋଗ ମିଳିଲା । ସାରଙ୍କ ଅନୁମତି ପାଇଁ ଗଲି ଓ ଘରର ଆର୍ଥିକ ପରିସ୍ଥିତି
ବିଷୟରେ ସାରଙ୍କୁ ସମସ୍ତ କଥା ଜଣାଇଲି । ସାର୍ ବିରକ୍ତ ହେଲେ ଏବଂ ଗୋଟିଏ କଥା କହିଲେ ଯେ ମୁଁ
ତୁମକୁ ଜଣେ ପ୍ରଫେସର ଭାବେ ଦେଖିବାକୁ ଚାହେଁ । ଟୋଲରେ ଜଣେ ପଣ୍ଡିତ ହିସାବରେ ନୁହେଁ ।

ଏମ୍.ଫିଲ୍ ଓ ପିଏଚ୍.ଡ଼ି ଶେଷକର ଏବଂ ନେଟ୍ ପରୀକ୍ଷା ଦିଅ । ସାରଙ୍କ ସେହି ପଦିଏ କଥା ମୋ
ଜୀବନର ଗତିପଥ ପରିବର୍ତ୍ତନ କରିଥିଲା । ଯାହାଙ୍କ ସେହି ଅମୂଲ୍ୟ ଉପଦେଶ ପାଇଁ ଆଜି ପଶ୍ଚିମବଙ୍ଗର
ମୁଗବେଢ଼ିଆ ଗଙ୍ଗାଧର ମହାବିଦ୍ୟାଳୟରେ ମୁଁ ଆଜି ବିଭାଗୀୟ ପ୍ରଧାନ ହିସାବରେ ଆସୋସିଏଟ୍ ପ୍ରଫେସର
ହୋଇ କାର୍ଯ୍ୟ କରିବାର ସୌଭାଗ୍ୟ ଅର୍ଜନ କରିପାରିଛି । ଏହିଭଳି ଜଣେ ଦୂରଦ୍ରଷ୍ଟା ସମ୍ପନ୍ନ ସଦ୍‌ଗୁରୁ ପ୍ରାପ୍ତ
ହୋଇନଥିଲେ, ହୁଏତ ମୁଁ ଆଜି ଏଭଳି ସ୍ଥାନରେ ପହଞ୍ଚି ପାରିନଥାନ୍ତି ।

କେବଳ ସଂସ୍କୃତଭାଷା ନୁହେଁ ଇଂରାଜୀରେ ମଧ୍ୟ ତାଙ୍କର ପାଣ୍ଡିତ୍ୟ ଅବର୍ଣ୍ଣନୀୟ । ଏହିଭଳି ବିଶ୍ୱବିରଳ
ପ୍ରତିଭା ସମ୍ପନ୍ନ ସଦ୍‌ଗୁରୁମୋତେ ଜନ୍ମଜନ୍ମାନ୍ତର ଧରି ପ୍ରାପ୍ତ ହେଉ ବୋଲି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ
ଚରଣରେ ମୋର ବିନମ୍ର ପ୍ରାର୍ଥନା ।

ପରିଶେଷରେ ଏହି ମହାନ କାର୍ଯ୍ୟଟିକୁ ସମ୍ପନ କରିବା ପାଇଁ ମୋର ଅନୁଜ ପ୍ରତୀମ ଅଶ୍ୱିନୀଙ୍କୁ ମୁଁ
କୃତଜ୍ଞତା ଜଣାଉଛି । ଯିଏ ବି ବାରମ୍ବାର ସମସ୍ତ ଛତ୍ରଛାତ୍ରୀ ଓ ଶୁଭନୁଧ୍ୟାୟୀ ଲେଖା ପଠାଇବା ପାଇଁ
ତତ୍‌ପରତା ପ୍ରକାଶ କରି ଏହି ମହାନ୍ କାର୍ଯ୍ୟ ସମ୍ପନ କରିବାରେ ସଫଳ ହୋଇପାରିଛନ୍ତି ।

ଡକ୍ଟର ମନୋରଞ୍ଜନ ଦାସ
**Associate Professor & Head,**
**Deptt. of Sanskrit**
**Mugberia Gangadhar Mahavidyalaya,**
**Bhupatinagar, Purba Medinipur,**
**West Bengal**
**Mob.: 9474550757**

▢▢▢